# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**13th May – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ଅପରେସନ୍ ସିନ୍ଦୂରର ସଫଳତା ଦେଶବାସୀଙ୍କୁ ମାନସିକ ସ୍ତରରେ ସୁଦୃଢ଼ କରିବା ସହ ଏକଜୁଟ କରିପାରିଛି; କହିଲେ ପ୍ରଧାନମନ୍ତ୍ରୀ
- ଜମ୍ମୁ-କଶ୍ମୀର ସହିତ ଜଡିତ ଯେକୌଣସି ପ୍ରସଙ୍ଗକୁ ଦ୍ୱି-ପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ; ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା
- ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା କରାଯିବ; କହିଲେ ମୁଖ୍ୟମନ୍ତ୍ରୀ
- ପ୍ରକାଶ ପାଇଲା ସିବିଏସ୍‌ଇ ଦଶମ/ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ

ଏବଂ

- ଆଣ୍ଡାମାନ ସାଗର ଛୁଇଁଲା ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ

## ପିଏମ୍-ଆଦମପୁର

ଅପରେସନ୍ ସିନ୍ଦୂରର ସଫଳତା ଦେଶବାସୀଙ୍କୁ ମାନସିକ ସ୍ତରରେ ସୁଦୃଢ଼ କରିବା ସହ ଏକଜୁଟ କରିପାରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପଞ୍ଜାବସ୍ଥିତ ଆଦମପୁର ସାମରିକ ଘାଟି ପରିଦର୍ଶନ କରି ବାୟୁସେନା ଅଧିକାରୀ ଏବଂ ସୈନିକଙ୍କ ସହ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପାକିସ୍ତାନର କୌଣସି ସ୍ଥାନରେ ଆତଙ୍କବାଦୀ ଶାନ୍ତିରେ ବଂଚିପାରିବେ ନାହିଁ। ଆତଙ୍କବାଦୀଙ୍କୁ ତାଙ୍କ ଆବାସସ୍ଥଳିରେ ଆକ୍ରମଣ କରିବାର କ୍ଷମତା ଭାରତ ପ୍ରମାଣିତ କରିପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ଅପରେସନ ସିନ୍ଦୂରର ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ଶିବିରକୁ ଭାରତ ମୂଳପୋଛ କରିବା ସହ ୧୦୦ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀ ନିର୍ଭର କରୁଥିବା ପାକିସ୍ତାନୀ ସେନା ମଧ୍ୟ ଭାରତୀୟ ସେନା ନିକଟରୁ ପରାଜିତ ହୋଇଛି। ଭାରତୀୟ ସେନାର ସାହସ, ସମର୍ପଣଭାବ ଏବଂ ପ୍ରତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି।

**-V/O-***(PM)*

## ରଣଧୀର ଜୈସୱାଲ

ଜମ୍ମୁ-କଶ୍ମୀର ସହିତ ଜଡିତ ଯେକୌଣସି ପ୍ରସଙ୍ଗକୁ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଏଥିପାଇଁ ଭାରତର ଏକ ଦୀର୍ଘକାଳୀନ ଜାତୀୟ ନୀତି ରହିଛି। ଏହି ନୀତିରେ କୌଣସି ପରିବର୍ତ୍ତନ

ହୋଇନାହିଁ ବୋଲି ବୈଦେଶିକ ବ୍ୟାପର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜୈସୱାଲ କହିଛନ୍ତି, ପାକିସ୍ତାନ ଦ୍ୱାରା ଅବୈଧ ଭାବେ ଅଧୀକୃତ ହୋଇଥିବା ପିଓକେକୁ ଛାଡ଼ିବାକୁ ପଡିବ। ଅସ୍ତ୍ରବିରତି ପାଇଁ ପ୍ରଥମେ ପାକିସ୍ତାନ ହାଇକମିଶନଙ୍କ ପାଖରୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟକୁ ନିବେଦନ କରାଯାଇଥିବା ଶ୍ରୀ ଜୈସୱାଲ କହିଛନ୍ତି।

**-V/O-***(Randhir Jaiswal)*

ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ଅନୁସାରେ, ବର୍ତ୍ତମାନ ପରିସ୍ଥିତିରେ ମଧ୍ୟ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖାଯାଇଛି ବୋଲି ଶ୍ରୀ ଜୈସୱାଲ କହିଛନ୍ତି।

# ବିଜେପି-ତ୍ରିରଙ୍ଗା ଯାତ୍ରା

ଅପରେସନ୍ ସିନ୍ଦୂରର ସଫଳତା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠାରୁ ଦେଶବ୍ୟାପି ୧୧ ଦିନିଆ ତିରଙ୍ଗା ଯାତ୍ରା ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଭାରତୀୟ ସଶସ୍ତ୍ର ବାହିନୀର ପାକିସ୍ତାନ ବିରୋଧରେ ସଫଳ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାମରିକ କର୍ମଚାରୀ, ସମାଜସେବୀ, ସାମାଜିକ ଅନୁଷ୍ଠାନ ଓ ବିଜେପିର ପ୍ରମୁଖ ନେତାମାନେ ସାମିଲ ହେବେ । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କୀ ଆଡ୍ଡା ଧ୍ୱଂସକରିବା ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯିବ ।

## ମୁଖ୍ୟମନ୍ତ୍ରୀ-ମୟୂରଭଞ୍ଜ

ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟ ସରକାର ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବିଶୋୟୀଠାରେ ଏକ ଜନସଭାକୁ ସମ୍ବୋଧନ କରି ଶ୍ରୀ ମାଝୀ କହିଛନ୍ତି, ରାଜ୍ୟବାସୀଙ୍କ ଆଶା, ଆକାଂକ୍ଷା ପୂରଣ କରିବାରେ ସରକାର ସମର୍ଥ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ସହଯୋଗରେ ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ଅଭିବୃଦ୍ଧି ଘଟିବାକୁ ଯାଉଛି। ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି।

୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ୩୬ଟି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହାକୁ ୩୬ ପାଇଁ ୩୬ ବୋଲି ନାମିତ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଉତ୍କର୍ଷ ହାସଲ କରାଯିବ ବୋଲି ସେ କହିଛନ୍ତି। ବିଶୁଦ୍ଧ ପାନୀୟ ଜଳ, ଉନ୍ନତ ସ୍ୱାସ୍ଥ୍ୟସେବା, ଗମନାଗମନ ସୁବିଧା ଏବଂ ଗୁଣାତ୍ମକ ବିଜୁଳି ଆଦି ରାଜ୍ୟବାସୀଙ୍କୁ ସହଜ ଉପଲବ୍ଧ ପ୍ରଦାନ କରିବା ଉପରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୁଭଦ୍ରା ଯୋଜନା ଏବଂ ଧାନର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜବୁତ୍ କରିଛି ବୋଲି ଶ୍ରୀ ମାଝୀ କହିଛନ୍ତି....

**-V/O-**_(CM)_

ଏହି ଅବସରରେ ଶ୍ରୀ ମାଝୀ ଜିଲ୍ଲାରେ ୪୨୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟ ଅଟ୍ଟକଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବିଶୋୟୀ ବ୍ଲକ୍ ମୁଖ୍ୟାଳୟଠାରେ ଏକ ଯୁକ୍ତଦୁଇ ମହାବିଦ୍ୟାଳୟ ସ୍ଥାପନ, ମିନି ଷ୍ଟାଡିୟମ୍‌କୁ ମହାପୁରୁଷ ଧରଣୀଧର ନାୟକଙ୍କ ନାମରେ ନାମକରଣ ଏବଂ ସେଠାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି, ଶ୍ରମିକଙ୍କ କନ୍ୟାଙ୍କ ପାଇଁ ବିବାହ ପ୍ରୋତ୍ସାହନ ରାଶି ଏବଂ ସ୍ୱୟଂ ସହାୟକ ଗୋଷ୍ଠି ମହିଳାଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି ।

## ସିବିଏସ୍‌ଇ-ଦ୍ୱାଦଶ/ଦଶମ ପରୀକ୍ଷା ଫଳ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ **ଦଶମ ଓ ଦ୍ୱାଦଶ** ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । **ଦଶମ** ପରୀକ୍ଷା ପାସ୍ ହାର ୯୩ ଦଶମିକ ୬/୬ ପ୍ରତିଶତ  ରହିଛି । ଗତବର୍ଷ ତୁଳନାରେ ଶୂନ ଦଶମିକ ୦/୬ ପ୍ରତିଶତ ଅଧିକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଚଳିତବର୍ଷ ୨୩ ଲକ୍ଷ ୭୧ ହଜାର ୯୩୯ ଜଣ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୨୧ ହଜାର ୬୩୬ ଜଣ ପାସ୍ କରିଛନ୍ତି ।

ଅନ୍ୟପକ୍ଷରେ, ଚଳିତବର୍ଷ **ଦ୍ୱାଦଶ**ରେ ପାସ୍ ହାର ୮୮ ଦଶମିକ ୩/୯ ପ୍ରତିଶତ ରହିଛି । ଛାତ୍ରୀଙ୍କ ପାସ୍ ହାର ୯୧ ଦଶମିକ ୬/୪ ପ୍ରତିଶତ ଥିବାବେଳେ ଛାତ୍ରଙ୍କ ପାସ୍ ହାର ୮୫ ଦଶମିକ ୭/୦ ପ୍ରତିଶତ ରହିଛି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଚଳିତବର୍ଷ ମଧ୍ୟ ଛାତ୍ରଙ୍କଠାରୁ ଛାତ୍ରୀଙ୍କ ସଫଳତା ଅଧିକ ହୋଇଛି। ଏହା ନବଭାରତର ଏକ ଶକ୍ତିଶାଳୀ ପ୍ରତିବିମ୍ବ ବୋଲି ସେ କହିଛନ୍ତି।

## ପ୍ରଦର୍ଶନୀ ପ୍ରକୋଷ୍ଠ ଉଦ୍‌ଘାଟନ

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନଙ୍କ ଦ୍ୱାରା ଆଇନ୍‌ସେବା ଭବନ ପରିସରରେ ଭାରତୀୟ ସମ୍ବିଧାନର ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ପ୍ରଦର୍ଶନୀ ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଆଇନ୍‌ସେବା ପ୍ରାଧୀକରଣଙ୍କୁ ଆଇନ୍‌ସେବା ପାଇଁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଓ ସାଧାରଣ ଜନତାଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି ପ୍ରକୋଷ୍ଠକୁ ଶୁଭାରମ୍ଭ କରାଯାଇଛି।

## ଅର୍ଥ ଆତ୍ମସାତ୍

୨୦୨୩-୨୪ ଆର୍ଥିକବର୍ଷରେ ବନୀକରଣ ଯୋଜନା ଅଧୀନରେ **କଳାହାଣ୍ଡି** ଦକ୍ଷିଣ ବନବିଭାଗରେ ଅର୍ଥ ଆତ୍ମସାତ୍ ଅଭିଯୋଗ ନେଇ ବନବିଭାଗର ୪ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଅଭିଯୋଗର ତଦନ୍ତ ପାଇଁ ୨୫ ଜଣ ଅଧିକାରୀଙ୍କୁ ନେଇ ୪ଟି ଦଳ ଗଠନ କରାଯାଇଥିଲା। ଜୟପାଟଣା ରେଞ୍ଜ ଅଧୀନରେ ହୋଇଥିବ ବନୀକରଣ ଯୋଜନାରେ ଚାରାରୋପଣ ଏବଂ ଅର୍ଥ ପ୍ରଦାନ ମଧ୍ୟରେ ସାମଞ୍ଜସ୍ୟ ନଥିବା ତଦନ୍ତରୁ ଜଣାପଡିଥିଲା। ମୋଟ୍ ୭୯ ଲକ୍ଷ ୫୪ ହଜାର ୬୩୫ ଟଙ୍କାର ଅର୍ଥ ହେରଫେର ହୋଇଥିବା ଭିଜିଲାନ୍ସ ବିଭାଗ ସୂତ୍ରରୁ ଜଣାପଡିଛି।

## ଲୋକକଳା ମହୋତ୍ସବ

**ବୌଦ୍ଧ** ଜିଲ୍ଲା ଗନ୍ଧରାଡି ପୀଠ ନିକଟରେ ଦ୍ୱିତୀୟ ଲୋକକଳା ମହୋତ୍ସବ ଆଜି ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଏଭଳି ମହୋତ୍ସବ ସଂସ୍କୃତି ଏବଂ ପରାମ୍ପରା ପ୍ରଚାରର ଏକ ବଳିଷ୍ଠ ମାଧ୍ୟମ ବୋଲି କହିଛନ୍ତି । ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । **କେନ୍ଦ୍ରାପଡ଼ା** ଜିଲ୍ଲା ରାଜନଗର ପଂଚାୟତ ସମିତି କାର୍ଯ୍ୟାଳୟଠାରେ ଆୟୋଜିତ ଶିବିରରେ ୧୧୮ଟି ପଞ୍ଜୀକୃତ ଅଭିଯୋଗର ଶୁଣାଣି ହୋଇଛି । ଜଣେ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି । **ରାୟଗଡ଼ା** କାଶୀପୁର କାର୍ଯ୍ୟାଳୟରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୪୩ଟି ଅଭିଯୋଗର ଶୁଣାଣି ହୋଇଛି । **ନୟାଗଡ଼** ଜିଲ୍ଲା ଖଣ୍ଡପଡା ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୬୦ଟି ଦରଖାସ୍ତ ଉପରେ ଶୁଣାଣି ହୋଇଛି । ସେଥିମଧ୍ୟରୁ ୨୪ଟିର ତତ୍କାଳ ସମାଧାନ ହୋଇଛି । **ଗଜପତି** ଜିଲ୍ଲା ଗୁମ୍ମା ବ୍ଲକ୍ ଅନ୍ତର୍ଗତ ଉଖୁରା ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୭୪ଟି ଅଭିଯୋଗର

ଶୁଣାଣି ହୋଇଛି । ୩ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ଅନ୍ୟ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି । **ସୁବର୍ଣ୍ଣପୁର** ଜିଲ୍ଲା ବିନିକା ବ୍ଲକ୍‌ସ୍ତରୀୟ ଶିବିରରେ ୪୫ଟି ଦରଖାସ୍ତର ଶୁଣାଣି ହୋଇଛି ।

**ବୌଦ୍ଧ** ଜିଲ୍ଲା ଚାରିଛକସ୍ଥିତ ହରଭଙ୍ଗା ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୫୩ଟି ଅଭିଯୋଗ ମଧ୍ୟରୁ ୩୬ଟିର ତତ୍କାଳ ସମାଧାନ କରାଯାଇଛି । **ଦେବଗଡ଼** ଜିଲ୍ଲା ବାରକୋଟ ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୨୧ଟି ଅଭିଯୋଗର ଶୁଣାଣି ହୋଇଛି । ଅଭିଯୋଗଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି । **ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରି ବ୍ଲକ୍ ପଂଚାୟତସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୯୭ଟି ଅଭିଯୋଗର ଶୁଣାଣି ହୋଇଛି । ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଜି ଆଣ୍ଡାମାନ ସାଗର ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।  ଆଣ୍ଡାମାନ ଛୁଇଁବା

ପରେ ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପ ଏବଂ ଉତ୍ତର ଆଣ୍ଡାମାନ ସାଗରର କିଛି ଅଂଚଳକୁ ଅଗ୍ରସର ହୋଇଛି । ଚଳିତବର୍ଷ ୬ ଦିନ ଆଗରୁ ମୌସୁମୀ ବାୟୁ ଦକ୍ଷିଣ ଆଣ୍ଡାମାନ ସାଗର ଛୁଇଁଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆଗାମୀ ୨୪ ଘଣ୍ଟା ମଧ୍ୟରେ ନିର୍ଦ୍ଦିଷ୍ଟ ଅଂଚଳଗୁଡ଼ିକୁ ମୌସୁମୀର ଅଗ୍ରଗତି ପାଇଁ ବାୟୁମଣ୍ଡଳ ଏବଂ ଅନ୍ୟାନ୍ୟ ପରିସ୍ଥିତି ଅନୁକୂଳ ରହିଛି ।

ଅପରପକ୍ଷରେ, ଆଜି ୧୧ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଊର୍ଦ୍ଧ୍ୱରେ ରେକର୍ଡ ହୋଇଛି । ଝାରସୁଗୁଡ଼ାଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।